# ସାହିତ୍ୟରେ ପିତୃତ୍ୱପ୍ରସଙ୍ଗ ବିଚାର

**ପ୍ରୀତମ୍ ରାଉତ[୧], ଡ. କାହ୍ନୁ ଚରଣ ପାଢ଼ୀ[୨]**

ଗବେଷକ, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର[୧]

ବିଭାଗ ମୁଖ୍ୟ, ଓଡ଼ିଆ ବିଭାଗ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ[୨]

**E-Mail:** pritamworlds@gmail.com

**Article No :** BB-I-IV-2025-04
**DOI No :** 10.64647/bb.vol.1.issue4.2025.4
**Review Status:** Double-Blind Peer Reviewed
**Language of the Article:** Odia
**Type of Article:** Research Article
**Submission Date :** 26-07-2025
**Publication Date :** 14-10-2025

**ସଂକ୍ଷିପ୍ତସାର:** Abstract

ସାହିତ୍ୟରେ ପିତୃତ୍ୱ ପ୍ରସଙ୍ଗ ବିଚାର କଲାବେଳେ, ବିଶେଷକରି କବି-କବିତ୍ୱ-କାଳ ଏଇ ତିନୋଟି କଥାକୁ ଧ୍ୟାନଦେବା ଅପରିହାର୍ଯ୍ୟ ଅଟେ। ପ୍ରମୁଖ କବିଙ୍କର କୃତିଟିକୁ ପୂର୍ଣାଙ୍ଗ ରୂପ ଦେବାରେ କେତେ ଯେ ଅନାମଧେୟଙ୍କ ଗୌଣ-ଲେଖକଙ୍କର ଯୋଗଦାନ ରହିଛି ସେ କଥାକୁ ବିଚାରକଲେ ହତଚକିତ ହେବାକୁ ପଡ଼େ। ସୃଜନରେ ଅପୁରୁଷେୟତା ଆମ ଶାସ୍ତ୍ରୀୟ ବାଙ୍ଗମୟର ଆଧ୍ୟାତ୍ମିକ ବିଶେଷତ୍ୱ ଅଟେ। ରାମାୟଣ-ମହାଭାରତ ପଠନ ଯାତ୍ରାରେ ଅନେକ ଗୌଣଲେଖକଙ୍କୁ ଆମେ ଭେଟିଥାଉ। କାଳିଦାସୀୟ ସାହିତ୍ୟ ମଧ୍ୟ ସେଥିରୁ ବାଦ୍ ଯାଇନାହିଁ। ସେହିପରି ଓଡ଼ିଆ ସାହିତ୍ୟରେ ମଧ୍ୟ ସମାନ ଜିନିଷ ଆମେ ଦେଖିବାକୁ ପାଇଥାଉ। କେତେକ ପ୍ରତିଭାଧର କବି ମଧ୍ୟ ନିଜର ସୃଜନୀ-ଶକ୍ତିକୁ ଭାକ୍ତିକ-ବିଚାରରେ ସେମାନଙ୍କ ଇଷ୍ଟଙ୍କଠାରେ ଉତ୍ସର୍ଜନ କରିଦେଇଛନ୍ତି। ଆଉ କତିପୟେ ସ୍ୱସ୍ୱ କୃତିକୁ ପୃଷ୍ଠପୋଷକଙ୍କ ନାମରେ ଭଣତି କରିଦେଇଥିବା ଆମେ ଦେଖିବାକୁ ପାଇଥାଉ। ଏଥି ସହିତ ସାହିତ୍ୟରେ ସ୍ଥାନଗତ, କାଳଗତ ଓ ବିଷୟଗତ ଅନେକ ଭ୍ରାନ୍ତି ଆମର ଦୃଷ୍ଟିରେ ପଡ଼ିଥାଏ, ଏସବୁ ବିଲକ୍ଷଣତାକୁ ବିଚାର କରି ଲୋକ-ଲୋଚନକୁ ଆଣିବା ଆମ୍ଭମାନଙ୍କର ନୈତିକ କର୍ତ୍ତବ୍ୟ ଅଟେ।

**ମୂଳଶବ୍ଦ :** ପିତୃତ୍ୱ ପ୍ରସଙ୍ଗ, ଗୌଣଲେଖକ, ଭଣତି, ଅପୁରୁଷେୟତା, ନାମହୀନତା, ପୃଷ୍ଠପୋଷକ, ଭାକ୍ତିକତା, ନକଲକାର, ଐତିହାସିକ-ଭ୍ରାନ୍ତି, ଭାରତୀୟ ବାଙ୍ଗମୟ।

ଅନନ୍ତକାଳରୁ ଭାରତବର୍ଷ ବୌଦ୍ଧିକ ଚେତନାର ସୁପ୍ରତୁଳ ବିଭବରେ ହୋଇଅଛି ଉଦ୍ଭାସିତ। ବେଦ ବେଦାନ୍ତଠାରୁ କାବ୍ୟ ପୁରାଣ ଯାଏଁ ସମସ୍ତ ବିଭାବରେ ଆତ୍ମ-ଦର୍ଶନର ଗହନତତ୍ତ୍ୱକୁ ଉଜାଗର କରିବା ପାଇଁ ସଦା ତତ୍ପର ରହିଆସିଛି। ସୃଜନରେ ଅପୌରୁଷେୟତା ଏହାର ଆଧ୍ୟାତ୍ମିକ ବିଶେଷତ୍ୱ। ବେଦ ଉପନିଷତ୍ କେଉଁ ଜଣେ ବ୍ୟକ୍ତିର ରଚନା ନୁହେଁ, ଏଗୁଡ଼ିକ ଅଗଣନ ନାମହୀନ ସିଦ୍ଧଙ୍କ ସାଧନାର ଅମୃତମୟ ସିଦ୍ଧି। ଏହାର ପିତୃତ୍ୱ ପ୍ରସଙ୍ଗ କଥା ଭାବିଲେ ହତଚେତା ହେବାକୁ ପଡ଼େ। ମହାଭାରତ ମହାକାବ୍ୟକୁ ଅନେକ ବ୍ୟାସ ରଚନା କରିଅଛନ୍ତି। ଜୟରୁ ଭାରତ, ପୁଣି ଭାରତରୁ ମହାଭାରତ ପର୍ଯ୍ୟନ୍ତ ଯାତ୍ରାରେ କେତେ ଯେ ବ୍ୟାସଙ୍କୁ ଦେଖିବାକୁ ମିଳେ, ତାହାର କଳନା ନାହିଁ। ସେହିପରି ରାମାୟଣ ମହାକାବ୍ୟର ପିତୃତ୍ୱର ଶ୍ରେୟ ଗୋଟାପଣେ ବାଲ୍ମୀକିଙ୍କୁ ଦେଇଦେଲେ ଯଥାର୍ଥ ହେବ ନାହିଁ। ଉତ୍ତର ରାମଚରିତ ଆଖ୍ୟାନ ବହୁ ପରିବର୍ତ୍ତୀ ସମୟର ରଚନା ବୋଲି ଗବେଷକମାନେ ନିର୍ଧାରଣ କରିଅଛନ୍ତି। ରାମାୟଣ ମହାକାବ୍ୟ ଯେ ଷୋଳପଣେ ମହାମୁନି ବାଲ୍ମୀକିଙ୍କ ମାନସ ପ୍ରସୂତ ମୌଳିକ କଥାୟନ ତାହା ନୁହେଁ, ଅଧିକନ୍ତୁ ମହର୍ଷି ବାଲ୍ମୀକି ଏହାର ଆଦି-ବ୍ୟାଖ୍ୟାକାର ତଥା ଅନୁସୃଜନୀକାର।

ରାଜା ରାମଚନ୍ଦ୍ରଙ୍କ ଜୀବନାୟନକୁ ନେଇ ଲୋକମୁଖରେ ଗଢ଼ିଉଠିଥିବା ଯାଦୃଚ୍ଛିକ କାହାଣୀ ଉପକାହାଣୀକୁ ସଂଗୋତ୍ରକରି ସେଗୁଡିକୁ ପ୍ରାମାଣିକ ତଥା ଶାସ୍ତ୍ରୀୟ ରୂପଦେବା ସହ କାବ୍ୟିକ ପଦମାଧୁର୍ଯ୍ୟରେ ଅଳଙ୍କୃତ କରି ରସୋନ୍ମୁଖତା ପ୍ରଦାନ କରିବାରେ ମହାମତି ବାଲ୍ମୀକି ହିଁ ପଥିକୃତ୍ ବ୍ୟକ୍ତି। ବାଲ୍ମୀକି ରାମାୟଣ ରଚନା କରିବାର ବହୁ ଅବ୍ୟବହିତ ପୂର୍ବରୁ ବୈଦିକ ସାହିତ୍ୟରେ ଇକ୍ଷ୍ୱାକୁ, ଦଶରଥ ଏବଂ ରାମ ଆଦି ଜଣେ ଜଣେ ପ୍ରଭାବୀ ରାଜା ଥିବାର କ୍ଷୀଣ ସୂଚନା ମିଳେ। ମାତ୍ର ବିଶେଷ ଲକ୍ଷ୍ୟ କରିବାର କଥା ସେମାନଙ୍କ ମଧ୍ୟରେ ଥିବା ଆନୁବଂଶିକତାର ଲେଶମାତ୍ର ସୂଚନା ନାହିଁ। ବୈଦିକ ସୂର୍ଯ୍ୟପୁତ୍ରୀ ସୀତା ବା ଭୂମି ଓ କୃଷିର ଅଧିଷ୍ଠାତ୍ରୀ ସୀତାଙ୍କର ମଧ୍ୟ ଉପର ଦର୍ଶିତ କୌଣସି ପାତ୍ରଙ୍କ ସହିତ ସମ୍ବନ୍ଧ ଲକ୍ଷ୍ୟକରି ହୁଏନାହିଁ (ମିଶ୍ର, ନରେନ୍ଦ୍ରନାଥ, ବଳରାମ ଦାସ ଓ ଓଡିଆ ରାମାୟଣ,ପୃଷ୍ଠା-୪୭) ରାମଙ୍କ ସମ୍ବନ୍ଧରେ ଆଉ ଏକ କାହାଣୀକୁ ଲକ୍ଷ୍ୟକଲେ ଆମକୁ ହତଚେତା ହେବାକୁ ପଡ଼େ। ବୌଦ୍ଧ ସୁତ୍ତପିଟକ ଅନ୍ତର୍ଗତ 'ଖୁଦ୍ଦକ-ନିକାୟ'ର ୪୬୧ତମ କାହାଣୀ ଦଶରଥ ଜାତକ ନାମରେ ନାମିତ। ବୋଧିସତ୍ତ୍ୱଙ୍କ ରାମାବତାର କଥା ଏଥିରେ ଉତ୍କୀର୍ଣ୍ଣ। ମାତ୍ର କାହାଣୀଟିରେ ସୀତାଙ୍କୁ ରାମଙ୍କ ଭଗିନୀ ବିଚାରରେ ଚିତ୍ରଣ କରାଯାଇଛି।

କେବଳ ଭାରତୀୟ ବାଙ୍ମୟରେ ନୁହେଁ, ଅପିତୁ ବିଶ୍ୱ ସାହିତ୍ୟରେ ମଧ୍ୟ ଅନେକ ସେକସ୍ପିଅରଙ୍କୁ ଦେଖିବାକୁ ମିଳିଥାଏ। ଅନେକ ଗୌଣ ଲେଖକ ନିଜ ରଚନାକୁ ପାଠକୀୟ ସ୍ୱୀକୃତି ଏବଂ କାବ୍ୟ ପ୍ରସିଦ୍ଧି ଦେବା ଉଦ୍ଦେଶ୍ୟରେ ନେତୃସ୍ଥାନୀୟ ମହାକବିଙ୍କ ନାମରେ ଭଣତି କରିଦେଇଥାନ୍ତି। ଏପରିକି ଅଭୂତପୂର୍ବ କ୍ଷମତା ସଂପନ୍ନ

ପ୍ରତିଭାଧର କବିମାନେ ନିଜ ନିଜ ମୌଳିକ ରଚନାକୁ ସେମାନଙ୍କ ଇଷ୍ଟ ତଥା ପୃଷ୍ଠପୋଷକଙ୍କ ନାମରେ ଉତ୍ସର୍ଗ କରିଦେବା କଥା ପ୍ରବିରଳ ନୁହେଁ। ମହାକବି ସାରୋଳଦାସଙ୍କ କଥା ବିଚାର କରାଯାଉ। ସେ ଉଭୟ ସଂସ୍କୃତ ଓ ପ୍ରାକୃତ ଭାଷାରେ ମହାପଣ୍ଡିତ ଥିଲେ। ଇଚ୍ଛାକଲେ ଭାରଥ ପୁରାଣକୁ ନିଜ ମାତୃଭାଷାରେ ଲେଖିବେ। ସଂସ୍କୃତର ନାରଦ ଦୁର୍ବୋଧ୍ୟ ଭାଷାକୁ ପରିତ୍ୟାଗ କରିବାକୁ ପଡ଼ିବ । ପ୍ରକୃତିର ଭାଷାରେ ପୁରାଣ ଲେଖିଲେ ହିଁ ତାହା ଜୀବନବେଦ ହେଇପାରିବ। ସେଥିରେ ତତ୍ତ୍ୱ ଦର୍ଶନର ଅଯଥା ସ୍ଥାନ ନାହିଁ, ଅଛିତ ସାବଲୀଳ ତରଳ ମନର ସରଳ କଥା। ଥାନେଥାନେ ରହିବ ରୋମାଞ୍ଚ ମଜାଳିଆ କାହାଣୀମାନ। ସେସବୁକଥା ମୂଳ-ଗ୍ରନ୍ଥରେ ଥାଉ ବା ନଥାଉ ସେଥିପ୍ରତି ଭ୍ରୁକ୍ଷେପ ନାହିଁ। ସାରୋଳଦାସଙ୍କ ସମୟ ବେଳକୁ ମହାଭାରତାଦି ଗ୍ରନ୍ଥଗୁଡ଼ିକରେ ଥିବା କାହାଣୀରୁ ଉପକାହାଣୀ ସୃଷ୍ଟିହୋଇ ଲୋକ ସମାଜରେ ବିଶ୍ୱସ୍ଥତା ଗ୍ରହଣ କରିସାରିଲାଣି। ତେଣୁ ମହାମୁନି ସାରୋଳଦାସ ଅତି ପାଣ୍ଡିତ୍ୟପୂର୍ଣ୍ଣ ଭାବରେ ଉପକଥନିକାଗୁଡିକୁ ଗୋଟାଇଆଣି ନିଜର ଅନନ୍ୟ କଳ୍ପନା ଶକ୍ତି ଓ ଶବ୍ଦବସାଣ ଶୈଳୀରେ ସେଗୁଡିକୁ ଆଣିକରି ଥୋଇଲେ। ନିଜ ବିରୋଧିମାନଙ୍କ କବଳରୁ ଚୁପିଚୁପି ଖସିଯିବାକୁ ଏକ ଗଳାବାଟ ବାଛିଲେ। ସାରୋଳାଚଣ୍ଡୀ କାଳେ ସ୍ୱପ୍ନରେ ଯାହା କହନ୍ତି 'ମୁର୍ଖ ଅପଣ୍ଡିତ ବାଳୁତମତି' ସାରୋଳାଦାସ କାଳେ ଏକା ନିଃଶ୍ୱାସରେ ହିଁ ସେସବୁକୁ ଲେଖିପକାନ୍ତି। ଏଥିରେ ତାଙ୍କର କିଛି ଦୋଷ ନାହିଁ।

"ଯେବଣ ମହାଭାରଥ ମୁନିଂକର ପୂଣ୍ୟ ବାକ୍ୟେ
ତାହା ଲେଖନ କରିବାକୁ କିସ ମୋର ଶକ୍ୟେ । ୧୦୩
ନୋହଇ ପଣ୍ଡିତ ମୁଂ ନଜାଣଇ ଶାହାସ୍ତ୍ରବିଦ୍ୟା
ଜନମେ ଜନମେ ମୁର୍ଖ ମୁହିଂ ନ ଜାଣଇ ପଦସିଦ୍ଧା । ୧୦୪
ଜପମନ୍ତ୍ର ଶାହାସ୍ତ୍ର ମୁଂ ନ ଜାଣଇ କିଛି
ଯେସନେକ ଆଗ୍ୟାଂ ମୋତେ ଦିଲେକ କାମାକ୍ଷୀ । ୧୦୫
ବାଳୁତ ରୁପ ମୁହିଂ ତାର ପ୍ରତକ୍ଷେ ଦେଖଇ
ସେ ଯାହା କହଇ ତାହା ମୁଂ ଲେଖଇ। ୧୧୨"
(ଯୁଧିଷ୍ଠିରଙ୍କ ଧର୍ମ ପରୀକ୍ଷା ଓ ସ୍ୱଶରୀରରେ ସ୍ୱର୍ଗ ଗମନ, ସ୍ୱର୍ଗାରୋହଣ ପର୍ବ)

ସେହିକଥା ଭାଗବତକାର ଜଗନ୍ନାଥ ଦାସ ମଧ୍ୟ କହିଛନ୍ତି। ପୀତବାସ ଶ୍ରୀକୃଷ୍ଣ ଦାସଙ୍କ ହୃଦୟରେ ନିବାସ କରି ପଦକୁ ପଦ କହିଦେଲେ।

"ମୋ ମନ ହୋଇଲା ପ୍ରସନ୍ନ
ଆଜ୍ଞା ଯେ ଦେଲେ ଭଗବାନ । ୧୩୮ ।
ପୁରାଣ ଦେଶଭାଷା ଗୀତ
ରଚିବୁ ଶିରୀଭାଗବତ ।୧୩୯।
ତୋହର ହୃଦେ ଆମ୍ଭେ ଥାଇ
ପଦକୁ ପଦ ଦେବୁ କହି । ୧୪୦ ।"
(ଚତୁସ୍ତ୍ରିଂଶ ଅଧ୍ୟାୟ, ଦଶମସ୍କନ୍ଧ)

ରୀତିକାଳୀନ କବିଗଣ ପୂର୍ବସୁରୀଙ୍କ ପଥାଙ୍କ ଅନୁସରଣ କରି ନିଜ କାବ୍ୟର ପିତୃତ୍ୱଶ୍ରେୟ ଦୈବୀଶକ୍ତିକୁ ଅର୍ପଣ କରିଦେଇଛନ୍ତି।

"କୋଟି ବ୍ରହ୍ମାଣ୍ଡ ପ୍ରଭୁ ଜଗନ୍ନାଥ
କରନ୍ତି ପୂର୍ଣ୍ଣ ଜନ ମନୋରଥ
କଲି ମୁଁ ଏହି ଘେନି ଅଭିମତ
କରିବାକୁ ରସ କଲ୍ଲୋଳ ଗୀତ
କହିଲେ ସେ ଯେଣୁ
କରରେ ମାତ୍ର ମୁଁ ଲେଖିଲି ତେଣୁ ।"
(ଚତୁସ୍ତ୍ରିଂଶ ଛାନ୍ଦ, ରସ କଲ୍ଲୋଳ)

କବିସୂର୍ଯ୍ୟ ବଳଦେବ ରଥଙ୍କ ପରି ଅନନ୍ୟ ପ୍ରଜ୍ଞାଦୀପ୍ତ ପ୍ରତିଭାସମ୍ପନ୍ନ କବି ରାଜ ପୃଷ୍ଠପୋଷକତା ଲାଭ କରିବା ହେତୁ ସ୍ୱୀୟ କାବ୍ୟ କିଶୋରଚନ୍ଦ୍ରାନନ୍ଦ ଚମ୍ପୂର ପିତୃତ୍ୱଶ୍ରେୟ ଗଞ୍ଜାମ ଅନ୍ତର୍ଗତ ଆଠଗଡ଼ ରାଜା ବାଲୁକେଶ୍ୱର ଜଗଦ୍ଦେବ ହରିଚନ୍ଦନଙ୍କୁ ଅର୍ପଣ କରିଦେଇଛନ୍ତି।

"କଳବଳ ଛଟପଟ ହୋଇଯାଉଛି ନିପଟ
ସଂବେଶ ଅଶନ ବିରତିରେ
କହଇ 'ଶ୍ରୀବାଲୁକେଶ' ଶରଣ ଧରଣୀ ଈଶ
ଏ କି ଦଣ୍ଡ ବିନା ପୀରତିରେ।"

('କ' ଗୀତ)

"କ୍ଷମାଧିପ 'ଜଗଦ୍ଦେବ' ସମାପନ କରେ ହେ
ଶ୍ରମାର୍ତ୍ତ ହେବାରୁ ଭବ ଭ୍ରମାତିଶୟରେ ହେ।"

('କ୍ଷ' ଗୀତ)

ଅନେକ ଗୌଣକବି ଲେଖକ ଥିଲେ ଯେଉଁମାନେ କି ନିଜ ରଚନାକୁ ପାଠକୀୟ ସ୍ୱୀକୃତି ଓ ପ୍ରସିଦ୍ଧି ଦେବାଲାଗି ନେତୃସ୍ଥାନୀୟ ମହାକବିଙ୍କ ନାମରେ ଭଣତି କରିଦେଇଛନ୍ତି। କାଳିଦାସ-ରଚନାବଳୀ ମଧ୍ୟ ଏଥିରୁ ମୁକ୍ତ ନୁହେଁ। କୁମାରସମ୍ଭବ କାବ୍ୟ କଥା ଲକ୍ଷ୍ୟ କରାଯାଉ। "ଅଷ୍ଟସର୍ଗ ବିଶିଷ୍ଟ କୁମାରସମ୍ଭବରେ ଶିବପାର୍ବତୀଙ୍କର ବିବାହ ଓ ଦାମ୍ପତ୍ୟ ସୁଖ ସମ୍ଭୋଗ ପର୍ଯ୍ୟନ୍ତ ବିଷୟ ବସ୍ତୁ ଦିଆ ଯାଇଛି ଏବଂ ସେତିକିରେ କାବ୍ୟର ସମାପ୍ତି ଘଟିଛି। ସପ୍ତଦଶସର୍ଗ ବିଶିଷ୍ଟ କୁମାରସମ୍ଭବରେ ଶିବପାର୍ବତୀଙ୍କର ଦାମ୍ପତ୍ୟ ସୁଖସମ୍ଭୋଗ ପରେ କୁମାରଙ୍କର ଜନ୍ମ, ତାଙ୍କର ବାଲ୍ୟଲୀଳା, ସେନାପତିତ୍ୱ ଗ୍ରହଣ, ଯୁଦ୍ଧ ଅଭିଯାନ ଓ ତାରକାସୁର ବଧ ପ୍ରଭୃତି ବିଷୟମାନ ବର୍ଣ୍ଣିତ ହୋଇଅଛି। ବହୁ ଆଲୋଚକଙ୍କ ମତରେ କୁମାରସମ୍ଭବ ଆଠସର୍ଗ ପର୍ଯ୍ୟନ୍ତ ପ୍ରକୃତରେ କାଳିଦାସଙ୍କ ରଚନା ଏବଂ ତତ୍‌ପରବର୍ତ୍ତୀ ସର୍ଗଗୁଡ଼ିକ ପରବର୍ତ୍ତୀ କୌଣସି କବିଙ୍କର ରଚନା। କାରଣ ଆଠସର୍ଗରେ ପ୍ରକଟିତ ହୋଇଥିବା କବିତ୍ୱ ତୁଳନାରେ ନଅରୁ ସତର ପର୍ଯ୍ୟନ୍ତ ସର୍ଗଗୁଡିକରେ ପ୍ରକଟିତ କବିତ୍ୱ ନିମ୍ନକୋଟୀର। କୁମାରର ଜନ୍ମବୃତ୍ତାନ୍ତ ନଦେଇ କାବ୍ୟର ନାମ କୁମାରସମ୍ଭବ ରଖିବାର ମୂଳରେ କବିଙ୍କର ବୋଧହୁଏ ଅଭିପ୍ରାୟ ଥିଲା ଯେ ଶିବ ପାର୍ବତୀଙ୍କ ମିଳନ ପରେ କାର୍ତ୍ତିକେୟଙ୍କର ଜନ୍ମ ଓ ତାରକାସୁର ବଧ ପ୍ରଭୃତି ବିଷୟ ସ୍ୱତଃ ଅବଗମ୍ୟ। ପ୍ରକୃତରେ ପରମଯୋଗୀ ଶିବଙ୍କ ସହିତ ପାର୍ବତୀଙ୍କର ମିଳନ ଘଟିବା ହିଁ ଅତ୍ୟନ୍ତ ଦୁଃସାଧ୍ୟ ଥିଲା। ତାହା ସଂଘଟିତ ହେଲାପରେ କଥାବସ୍ତୁକୁ ଅଧିକ ଲମ୍ବାଇବାକୁ କବି ଆବଶ୍ୟକ ମନେ କରିନଥିନେ।"

(କାଳିଦାସ ଗ୍ରନ୍ଥାବଳୀ, ମୁଖବନ୍ଧ, ପୃଷ୍ଠା ଚ ଓ ଛ)

ସାରୋଳଦାସଙ୍କ ମହାଭାରଥ ପୁରାଣର ଯେତେ ପୋଥି ପ୍ରାପ୍ତ ହୋଇଛି ସେ ସବୁରେ ଭାଷାଗତ, କାହାଣୀଗତ ଭିନ୍ନତା ପରିଦୃଶ୍ୟ ହୋଇଥାଏ। ନକଲକାରମାନେ ବେଳେବେଳେ କବି ହୋଇପଡ଼ନ୍ତି। ପୁରାଣରୁ ପୁରାଣ ନକଲ କଲାବେଳେ ସମ୍ପର୍କ ବିହୀନ କାହାଣୀଗୁଡ଼ିକର ସଂଯୋଜନା କରିଦେଇଥାନ୍ତି। ସରୋଳାଦାସଙ୍କ ମହାଭାରତର ସ୍ୱର୍ଗାରୋହଣ ପର୍ବ ଅନ୍ତର୍ଗତ 'ଯୁଧିଷ୍ଠିରଙ୍କ ରାଜ୍ୟତ୍ୟାଗ ଓ ସୁହାଣୀକନ୍ୟା ବିବାହ ପ୍ରସଙ୍ଗ' ବର୍ଣ୍ଣନାରେ ପୋଥିଭେଦରେ ଅନେକ ଉଦ୍ଭଟତା ପରିଲକ୍ଷିତ ହୋଇଥାଏ। କଳିର ପ୍ରବେଶ ସଙ୍ଗେ ପାଣ୍ଡବଙ୍କ

ତିର୍ଥାଟନ ଓ ସ୍ୱର୍ଗାରୋହଣ ପାଇଁ ରାଜ୍ୟତ୍ୟାଗ ଓ ପରୀକ୍ଷିତଙ୍କୁ ରାଜ୍ୟ ସମର୍ପିଲା ଘଟଣାକାଳରେ ନକଲକାର ପରୀକ୍ଷିତଙ୍କୁ ବିବାହ ମଧ୍ୟ କରାଇଦେଇଛନ୍ତି।

"ସହଦେବଙ୍କ ମୁଖୁଂ କଳିର ବାକ୍ୟ ଶୁଣି
ପରୀକ୍ଷକୁ ଡିଆରିଣ ଯୁଢେଷ୍ଟି ଅନୁକୂଳ ଘେନି।
ଭୋ ରାଜନ କର୍ଣ୍ଣକେଶରୀ ବୋଲି ନୃପବର
ତାହାର ଦୁହିତା ଯେ କାଞ୍ଚି ନାମ ତାର।
ତାହାକୁ ପରିକ୍ଷୀତକୁ ବିଭା କରାଇଲେ
ଶ୍ରୀଧର୍ମରାଜା ଅଭିଷେକ କରି ଶାଢ଼ି ଦେଲେ।"
(ସାରଳା ମହାଭାରତ, ସୁହାଣୀ କନ୍ୟାପ୍ରସଙ୍ଗ, ପୃଷ୍ଠା ୧୨)

କାଞ୍ଚି ରାଜଜେମା ଉପାଖ୍ୟାନ ସାରୋଳଦାସଙ୍କ ପରବର୍ତ୍ତୀ କାଳୀନ। ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ଆଖ୍ୟାନକୁ ନେଇ ଗଢ଼ିଉଠିଛି। ରାଜା କର୍ଣ୍ଣକେଶରୀ ସୋମବଂଶର ଶେଷ ଚିରାଗ ଅଟନ୍ତି। ତେଣୁ ଏଭଳି ଉଦ୍ଭଟ ପ୍ରସଙ୍ଗ ଏଠାରେ କିପରି ଆସିଲା, ଭାବିଲେ ହତଚେତା ହେବାକୁ ପଡ଼େ। ଏହା ନକଲକାରଙ୍କ ଦ୍ୱାରା ଯେ ପ୍ରକ୍ଷିପ୍ତ ହୋଇଅଛି ଏହା ନିଃସନ୍ଦେହ। କେବଳ ଏ ପ୍ରସଙ୍ଗ ନୁହେଁ ଏପରି ଅନେକ ଅନକଳ୍ପିତ ପ୍ରସଙ୍ଗ ପୋଥିରେ ସ୍ଥାନ ନେଇଅଛି।

ଓଡ଼ିଆ ସାହିତ୍ୟରେ ଅନେକ ଗୌଣକବି ସେମାନଙ୍କ କାବ୍ୟକୃତିକୁ ମହକବିଙ୍କ ନାମରେ ଭଣତି କରିଦେଇ ପିତୃତ୍ୱର ଶ୍ରେୟ ଅନ୍ୟକୁ ଅର୍ପଣ କରିଦେଇଛନ୍ତି। ଏ ସଂପର୍କରେ ବିଶଦ ଗବେଷଣା ଏଯାବତ୍ ହୋଇପାରିନାହିଁ। ଆହୁରି ମଧ୍ୟ ସମାନ ନାମ ବିଶିଷ୍ଟ ଭିନ୍ନ ଦୁଇ କବିଙ୍କୁ ଅଭିନ୍ନ କରି ମଧ୍ୟ ଆମ ସାହିତ୍ୟରେ ପିତୃତ୍ୱର ମର୍ଯ୍ୟାଦା ପ୍ରଦାନ କରାଯାଇଅଛି । ବିଚିତ୍ର ରାମାୟଣକାର ସିଦ୍ଧେଶ୍ୱରଦାସଙ୍କୁ ଆମେ ସାରୋଳଦାସ କହି ଏକ କରିଅଛୁ। ଭାଗବତ ପରି ଅନନ୍ୟସାଧରଣ ଗ୍ରନ୍ଥ ପାଠ କରିସାରିଲା ପରେ, ଅର୍ଥକୋଇଲି ଯେ ଭକ୍ତକବି ଜଗନ୍ନାଥ ଦାସଙ୍କ କୃତି ଏହି କଥା ସହଜରେ ହଜମ ହୁଏ ନାହିଁ। ପୁଣି ସରୋଳଦାସ ମହାଭାରଥକୁ ଜଗନ୍ନାଥ ଦାସ ନାମଧାରୀ ଜଣେ କବି ନବାକ୍ଷରୀରେ ଅନୁବାଦ କରିଅଛନ୍ତି। ହରିବଂଶ ପୁରାଣକର୍ତ୍ତା ଅଚ୍ୟୁତାନନ୍ଦ ଓ ମଳିକାକାର ଅଚ୍ୟୁତାନନ୍ଦ ଏକ କି ଭିନ୍ନ ସେ ବିଷୟରେ ମଧ୍ୟ ଏଯାବତ୍ ସମ୍ପୂର୍ଣ୍ଣ ସନ୍ଦେହ ମୋଚନ ହୋଇନାହିଁ। ଏହି ପିତୃତ୍ୱର ଦ୍ୱନ୍ଦ୍ୱ କେବଳ ଯେ ପ୍ରାଚୀନ ସାହିତ୍ୟ ଯାଏଁ ରହିଁଛି ତାହା ନୁହେଁ ପରନ୍ତୁ ଏହି ଦ୍ୱନ୍ଦ୍ୱର ଚେର ରୀତିକାଳ ଯାଏଁ ବିସ୍ତୃତ ହୋଇ ରହିଛି। ରସବିନୋଦକାର ଦୀନକୃଷ୍ଣ ଓ ରସକଲ୍ଲୋଳକାର ଦୀନକୃଷ୍ଣ, ସେହିପରି ବଜାର ବୋଲି ଓ ନୀଳାଦ୍ରୀଶ ଚଉତିଶା ଆଦି ରଚନାବଳୀ ଉପେନ୍ଦ୍ର ଭଞ୍ଜଙ୍କର ବୋଲି ସନ୍ଦେହ ଆସିଥାଏ।

ଅତୀତର ବ୍ୟକ୍ତିମାନସ ଇତିହାସ ସଚେତନ ନଥିଲା। ଧର୍ମର ନିରଙ୍କୁଶ ଆଧିପତ୍ୟ ବ୍ୟକ୍ତିଗତ ଜୀବନକୁ ବହୁଳ ଭାବରେ ପ୍ରଭାବିତ କରୁଥିଲା। ଦୈବିକ ଅତିବିଶ୍ୱାସରେ ମୋହାବିଷ୍ଟ ହୋଇ ବ୍ୟକ୍ତିସତ୍ତା ପ୍ରଚ୍ଛନ୍ନ ଘନାନ୍ଧ-ନିଗଡ଼ରେ କବଳିତ ହୋଇ ପଡୁଥିଲା ଅନୁକ୍ଷଣ। ତହିଁରୁ ମୁକୁଳିବା ଥିଲା କଠିଣ। ତେଣୁ ଏଭଳି ଦୁଃସ୍ଥିତିରେ ପୁରାଣ ବ୍ୟଞ୍ଜିତ ଅବାସ୍ତବ ଅତିକଳ୍ପନାକୁ ଉଲଙ୍ଗ ସତ୍ୟବୋଲି ଭାବିନେବା ସେକାଳ ମଣିଷ ପକ୍ଷରେ ଆଦୌ ଆଶ୍ଚର୍ଯ୍ୟକର କଥା ନଥିଲା। ସମୟ କାଳର ହିସାବ ନିକାଶ ତଥା ଐତିହାସିକ ତଥ୍ୟର ଯଥାଯଥ ସଂରକ୍ଷଣ ପାଇଁ ବ୍ୟକ୍ତି-ମନୀଷା ଏତେ ମାତ୍ରାରେ ବ୍ୟାକୁଳିତ ନଥିଲା। ମାଦଳାପାଞ୍ଜି ଐତିହାସିକ ବିଭ୍ରାଟର କୋଷଗୃହ ଅଟେ। ରାଜାନୁଂଶାବଳୀର ଉଦ୍ଭବ ଓ ଅନୁକ୍ରମ ଏକାଥରକେ ସତ୍ୟଯୁଗରୁ ଆରମ୍ଭ ହୋଇ କଳିଯୁଗ ଯାଏଁ ଲମ୍ବିଛି। ଅତୀତର ଯେକୌଣସି ବିଭାବକୁ ଉଠାଇ ଆଣି ତର୍ଜମା କଲେ ସେଥିରେ କାଳଗତ, ସ୍ରଷ୍ଟାଗତ, ସ୍ଥାନ ଓ ବିଷୟଗତ ଭ୍ରାନ୍ତି ବିଭ୍ରାଟ ରହିବା ସ୍ୱାଭାବିକ ବିଷୟ। ଏପରି ଭ୍ରାନ୍ତିଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରି ବିଭିନ୍ନ କଳକୌଶଳ ଦ୍ୱାରା ସତ୍ୟାସତ୍ୟର ନିକଟତର ହେବା ଗବେଷକମାନଙ୍କର ନୈତିକ କର୍ତ୍ତବ୍ୟ ଅଟେ।

**ସଙ୍କେତ ସୂଚୀ:**

୧. ମହାନ୍ତି, ଆର୍ତ୍ତବଲ୍ଲଭ, ସମ୍ପାଦକ. ସାରଳା ମହାଭାରତ: ସ୍ୱର୍ଗାରୋହଣ ପର୍ବ. ସାଂସ୍କୃତିକ ବ୍ୟାପାର ବିଭାଗ, ଓଡ଼ିଶା, ୧୯୬୫।
୨. ମିଶ୍ର, ନରେନ୍ଦ୍ରନାଥ. ବଳରାମଦାସ ଓ ଓଡିଆ ରାମାୟଣ. ୧୯୫୫।
୩. ମିଶ୍ର, ନୀଳମଣି, ସମ୍ପାଦକ. ଶ୍ରୀମଦ୍ଭାଗବତ. ୩ୟ ସଂସ୍କରଣ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୨୦୧୩।
୪. ମହାନ୍ତି, ଆର୍ତ୍ତବଲ୍ଲଭ, ସମ୍ପାଦକ. ରସ କଲ୍ଲୋଳ. ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ, ୧୯୫୩।
୫. ବେହେରା, କୃଷ୍ଣଚରଣ, ସମ୍ପାଦକ. କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ. ଫ୍ରେଣ୍ଡ ପବ୍ଲିଶର, କଟକ, ୧୯୭୭।
୬. ମହାପାତ୍ର, ଧନେଶ୍ୱର, ଅନୁବାଦକ. କାଳିଦାସ ଗ୍ରନ୍ଥାବଳୀ (କାବ୍ୟଖଣ୍ଡ). ୨ୟ ସଂସ୍କରଣ, ଫ୍ରେଣ୍ଡ ପବ୍ଲିଶର, କଟକ, ୨୦୧୦।

«««


| | |
|---|---|
| **Funding Statement:** | This research received no external funding |
| **Conflict of Interest:** | No |
| **Plagiarism Test:** | Yas (DrillBit)<br>Similarity Index: 0 % |
| **Ethical Approval:** | Not applicable |


| | |
|---|---|
| **License:** | Sahityare Pitrutwaprasanga Bichara © 2025 by Pritam Rout is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/ |